# ଜିଦ୍ଧା ଆବିଷ୍କାରକ

ସି. ଜେ. ଡେନିସ୍
ଚିତ୍ର: ଗୌରୀ ଗୁପ୍ତା



କଥାର ଗୋଟିଏ 300ମି ଚିନ୍ତା କରିବା ପାଇଁ ଖୋରାକ ଯୋଗାଉଥିବା ବହି




ଥରେ ଗୋଟିଏ ଛୋଟ ଜନ୍ଧା ବୁଲିବା ପାଇଁ ମନ ସ୍ଥିର କଲା -
ଘରଠୁ ଦୂର ବହୁତ ବହୁତ ଦୂର ଯିବା ପାଇଁ ।

ସେ ପେଟ ପୂରାଇ ତାର ସକାଳ ଜଳଖିଆ ଖାଇଲା, ଆଉ ମା'ଠୁ ବି ଅନୁମତି ନେଲା
ଯାହା ସବୁ ସେ ଦେଖିବାର ସୁଯୋଗ ପାଇବ ସେସବୁ ଦେଖିବା ପାଇଁ ଏଇ ବାଟରେ ସେ ଗଲା-

ପତ୍ର ଲଟାର ଉପର ଏବଂ ତଳ, ପଥର ଚାରିପଟେ ବୁଲି ଗୋଲ୍ ଗୋଲ୍,
ନିଛାଟିଆ ଅନ୍ଧାରୁଆ ଗଳିରେ, ଯେଉଁଠିକୁ ଏକୁଟିଆ ଯିବାକୁ ସେ ଜମା
ଭଲ ପାଏନି ।







ପୁଣି ରାସ୍ତାରେ ସେ ଚଢ଼ିଲା ସାତ ଇଞ୍ଚ ଉଚ୍ଚାର ବଡ଼ ଗୋଟେ ପାହାଡ଼,


ଡରି ଡରି ଜଙ୍ଗଲରେ ଘାସ ଭିତରେ ଗଲାବେଳେ ତାକୁ ଉପରେ ଦେଖା ଯାଉ ନ ଥିଲା ଆକାଶ ।

ବାଟରେ ପଡ଼ିଲା କାଦୁଅ ଉପରେ ଲୋଟି ଯାଇଥିବା ଗଛଟିଏ, ହେଲେ ଜନ୍ଦା ପାଇଁ ଥିଲା ସେଟା ଗୋଟେ ପୋଲ,


ଚାଲୁ ଚାଲୁ ଆସିଲା ଗୋଟେ ଭୟଙ୍କର ମରୁଭୂମି, ସବୁଆଡ଼େ ଥିଲା ଖାଲି ବାଲି ଆଉ ବାଲି ।

ସେଇ ଶୁଖିଲା, ନିଛାଟିଆ ମରୁଭୂମିରେ ଚାଲିବା ପାଇଁ ଟ୍ରାକ୍ ନଥିଲା,
ଜନ୍ଦା ଭାବିଲା ସେ ଘରେ ଥା'ନ୍ତା କି ଆଉ ଖଟରେ ଜାକିଜୁକି ହୋଇ ଶୋଇ ପଡ଼ନ୍ତା ।

ତାର ଛୋଟ ଗୋଡ଼ଗୁଡ଼ିକ ଥରୁଥିଲା, ଦେହରେ ଆଉ ଶକ୍ତି ନ ଥିଲା,
ସେ ପଛକୁ ବୁଲି ପଡ଼ିଲା ଆଉ ଯେଉଁ ବାଟରେ ଯାଇଥିଲା ପୁଣି ସେଇ ବାଟରେ ଫେରିଲା-



ମରୁବାଲିରେ ପାଦେ ପାଦେ ପଛକୁ ପଛକୁ ଆସି
ପୁଣି ସେ ପହଞ୍ଚିଲା କାଦୁଅ ଭିତରେ ପୋଲ ଭଳି ନଇଁ ଯାଇଥିବା ଗଛ ପାଖରେ ।



ସେଠୁ ଫେରିଲା ବେଳକୁ ବାଟରେ ପଡ଼ିଲା ଘଞ୍ଚ ଜଙ୍ଗଲ, ଘାସ ଭିତରୁ ଆକାଶକୁ
ଦେଖି ପାରୁ ନ ଥିଲା ସେ,
ପୁଣି ଥରେ ଜହ୍ନାକୁ ଚଢ଼ିବାକୁ ପଡ଼ିଲା ସାତ ଇଞ୍ଚ ଉଚ୍ଚା ପାହାଡ଼ ଉପରେ ।

ଭଲ ଲାଗୁ ନ ଥିଲେ ବି ତାକୁ ସେଇ ସରୁ ଗଳି ଭିତର ଦେଇ ଫେରିବାକୁ ପଡ଼ିଲା,
ପତ୍ର, ଲଟାରେ ଉପର ତଳ ହୋଇ ପଥର ଚାରିପଟେ ଗୋଲ୍ ଗୋଲ୍ ବୁଲି ।

ଆଉ କେବେ ବୁଲିବାକୁ ଯିବନି, ଚିନ୍ତିତ, କ୍ଲାନ୍ତ ଜନ୍ଦା ଭାବିଲା ମନେ ମନେ,
ବଗିଚା ରାସ୍ତାରେ ଗଲାବେଳେ ସେ ପଡ଼ି ଉଠି ଚାଲୁଥିଲା,
ଶେଷରେ ସେ ପହଞ୍ଚିଲା ଯାଇ ତାର ଘରେ ।





ସି.ଜେ. ଡେନିସ୍ ଜଣେ ଅଷ୍ଟ୍ରେଲୀୟ କବି । ସେ ତାଙ୍କର ହାସ୍ୟରସ ପାଇଁ ଜଣାଶୁଣା । ଅଷ୍ଟ୍ରେଲିଆର ତିନି ଜଣ ପ୍ରସିଦ୍ଧ କବିଙ୍କ ମଧ୍ୟରେ ପ୍ରାୟତଃ ତାଙ୍କର ଗଣନା କରାଯାଏ ।

# KATHA

କଥା ଏକ ବିଶ୍ୱବ୍ୟାପୀ ସ୍ୱୀକୃତିପ୍ରାପ୍ତ ଅଣ-ଲାଭକାରୀ ସଂସ୍ଥା (www.katha.org) ଯାହା 1988 ମସିହାରୁ ସାକ୍ଷରତାରୁ ସାହିତ୍ୟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରି ଆସୁଅଛି । ଗରୀବ ପିଲାମାନଙ୍କ ପାଇଁ ପ୍ରକାଶନ ଏବଂ ଶିକ୍ଷା କ୍ଷେତ୍ରରେ ଆମର ପ୍ରାୟ 30 ବର୍ଷର ଅଭିଜ୍ଞତା ଅଛି ।

"ଭାରତର ମୁକୁଟରେ ଶିକ୍ଷାର ଏକ ଉଜ୍ଜ୍ୱଳ ମଣି" **— ନାୟୁକି ଶିନୋହାରା, ଉପ ପରିଚାଳନା ନିର୍ଦ୍ଦେଶକ, ଆଇଏମ୍ ଏଫ୍**

"ସହରର ସାଧାରଣ ତଥା ଦୈନନ୍ଦିନ ଜୀବନର ଛୋଟ ଛୋଟ ଦୁଃଖ ଓ ଭୟଙ୍କର କଷ୍ଟର ମୁକାବିଲା କରିବା ପାଇଁ ଯେଉଁ ସବୁ ସୃଜନଶୀଳ ପ୍ରଚେଷ୍ଟା ଚାଲିଅଛି ସେମାନଙ୍କ ମଧ୍ୟରେ "କଥା" ର ଏକ ସ୍ୱତନ୍ତ୍ର ପରିଚୟ ଅଛି ।" **— ଚାର୍ଲ୍ସ ଲ୍ୟାଣ୍ଡ୍ରି, ଦ ଆର୍ଟ ଅଫ୍ ସିଟି ମେକିଙ୍ଗ୍**

"କଥା"ର ପିଲାମାନଙ୍କ ପାଇଁ ବିଶେଷ ଅନୁରାଗ ରହିଛି ତେଣୁ... ଏହା ପିଲାମାନଙ୍କ ପାଇଁ ଏପରି ସୁନ୍ଦର ସୁନ୍ଦର ଚିତ୍ର ସମ୍ବଳିତ ପୁସ୍ତକ ପ୍ରକାଶ କରୁଛି ।" **— ଟାଇମ୍ ଆଉଟ୍**

"କଥା" ବିଶ୍ୱାସ କରେ ଯେ ପିଲାମାନେ ତାଙ୍କ ଦୁନିଆରେ ବାସ୍ତବ ଏବଂ ଧାରଣାକ୍ଷମ ପରିବର୍ତ୍ତନ ଆଣିପାରିବେ, **— ପେପରଟାଇଗର୍ସ**


ଏହି ସଂସ୍କରଣ ପ୍ରଥମେ 2021 ପ୍ରକାଶିତ ହୋଇଥିଲା
କପିରାଇଟ୍©କଥା, 2021
ଲେଖା କପିରାଇଟ୍©ସି.ଜେ. ଡେନିସ୍
ଚିତ୍ର କପିରାଇଟ୍©କଥା
A3, ସର୍ବୋଦୟ ଏନକ୍ଲେଭ, ଶ୍ରୀ ଅରୋବିନ୍ଦ ମାର୍ଗ, ନୂଆଦିଲ୍ଲୀ 110 017
ଫୋନ୍ : 91-11 4141 6600 . 4141 6610
ଇମେଲ୍: editors@katha.org, Website: www.katha.org
ISBN 978-93-82454-65-6

ଆମର ଲକ୍ଷ: ପ୍ରତ୍ୟେକ ପିଲା ଖୁସି ମନରେ ଓ ଭଲଭାବରେ ପଢ଼ିପାରନ୍ତୁ!

"କଥା" ହେଉଛି ଏକ ପଞ୍ଜୀକୃତ ଅଣ-ଲାଭକାରୀ ସଂସ୍ଥା ଯାହା 1988 ରେ ସ୍ଥାପିତ ହୋଇଥିଲା । ଆମେ ସାହିତ୍ୟର ସାକ୍ଷରତା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁ । ପିଲା ଏବଂ ବୟସ୍କମାନଙ୍କ ଭିତରେ ପଢ଼ିବାରେ ଇଚ୍ଛା ସୃଷ୍ଟି କରିବା ପାଇଁ ଏହା ସମର୍ପିତ ଭାବରେ ଚେଷ୍ଟା କରିଆସୁଛି, ଭଲ ମାନର ପୁସ୍ତକ ଓ ଅନ୍ୟାନ୍ୟ ପ୍ରଚେଷ୍ଟା ମାଧ୍ୟମରେ ଏହା ଭଲ ମାନର ପୁସ୍ତକ ପ୍ରକାଶ କରୁଛି 1,00,000 ରୁ ଅଧିକ ଗରୀବ ପିଲାଙ୍କ ସହିତ କାମ କରୁଛି ଏବଂ ସେମାନଙ୍କର ପଢ଼ିବାର ଶକ୍ତି ବଢ଼ାଉଛି ।

ସର୍ବ ସତ୍ତ୍ୱ ସୁରକ୍ଷିତ । ଏହି ପୁସ୍ତକର କୌଣସି ଭାଗ ପ୍ରକାଶକଙ୍କ ପୂର୍ବ ଲିଖିତ ଅନୁମତି ବିନା ପୁନଃ ପ୍ରକାଶିତ କିମ୍ବା ବ୍ୟବହୃତ ହୋଇପାରିବ ନାହିଁ ।

ଏହି ବହିଗୁଡ଼ିକର ବିକ୍ରୟରୁ ମୋଟ୍ ଆୟର 10ପ୍ରତିଶତ ବଞ୍ଚିତ ପିଲାମାନଙ୍କର ପଢ଼ିବା ଏବଂ ଜୀବନବ୍ୟାପୀ ଶିକ୍ଷା ପାଇଁ ଖର୍ଚ୍ଚ କରାଯିବ ।





ଆଇ ଲଭ୍ ରିଡିଙ୍ଗ୍ ଲାଇବ୍ରେରୀ ହେଉଛି ପୁସ୍ତକଗୁଡ଼ିକର ଏକ ଅନନ୍ୟ ସିରିଜ୍ ଯାହା ନୂଆକରି ପଢ଼ିବାକୁ ଶିଖୁଥିବା ଓ ନିଜର ଉପରେ କମ ବିଶ୍ୱାସ ଥିବା ପାଠକମାନଙ୍କୁ ଅନାୟସରେ ଆଗ୍ରହରେ ପଢ଼ିବାର ସାମର୍ଥ୍ୟ ଦେବାକୁ ଉଦ୍ୟମ କରିଆସୁଛି । ପଢ଼ିବାର ସାମର୍ଥ୍ୟ ଦୃଷ୍ଟିରୁ ଭିନ୍ନ ଭିନ୍ନ ସ୍ତରରେ ଥିବା ପିଲାମାନଙ୍କୁ ଆବଶ୍ୟକତାକୁ ଆଖିରେ ରଖି ଉଚ୍ଚକୋଟୀର ବିଷୟବସ୍ତୁ ଏବଂ ଆକର୍ଷଣୀୟ ଚିତ୍ର ସହିତ, ଏହା ଭାରତ ଏବଂ ବିଶ୍ୱର ସର୍ବୋତ୍ତମ ସାହିତ୍ୟିକ ସୃଷ୍ଟି ଏବଂ ଚିତ୍ରକଳାକୁ ଏକତ୍ର କରି ପରିବେଷଣ କରିଥାଏ । ଆମର ପ୍ରକାଶିତ ପୁସ୍ତକ ଗୀତା ଧର୍ମରାଜନଙ୍କ ଷ୍ଟୋରୀ ପେଡାଗୋଜୀTM - ଏକ ଅନନ୍ୟ ଶୈକ୍ଷଣିକ ନମୂନା ଯୋଗାଇଥାଏ, ଯାହା ପ୍ରଥମ ପିଢ଼ିର ପାଠକମାନଙ୍କୁ ବିଶେଷ ଭାବରେ ପଢ଼ିବାର ଆନନ୍ଦ ଦେଇଥାଏ, ଏବଂ ପିଲାକୁ ବିଗ୍ ଆଇଡିଆ (Big Idea) ଏବଂ ଟା-ଡା (Ta-Daa) ର ଆକର୍ଷଣୀୟ ଦୁନିଆକୁ ନେଇଯାଏ ! (ଚିନ୍ତାକର, ପ୍ରଶ୍ନ ପଚାର, ଆଲୋଚନା କର, ଅଭିନୟ କରି ଦେଖାଅ ଏବଂ ସଫଳତା ହାସଲ କର)

ସାମଗ୍ରୀକ ଦୃଷ୍ଟିକୋଣରୁ ପ୍ରାଥମିକ ଶିକ୍ଷାର ପ୍ରୟୋଗଶାଳା (Katha's Holistic Early Learning) ଏହା ସରକାରୀ, ଅଣ-ଲାଭକାରୀ ଏବଂ ବେସରକାରୀ ବିଦ୍ୟାଳୟର ଶିକ୍ଷକମାନଙ୍କୁ କର୍ମଶାଳା ଆୟୋଜିତ କରିଥାଏ । ଏଗୁଡ଼ିକ ହେଉଛି ଶିକ୍ଷକ, ବିଦ୍ୟାଳୟ ପ୍ରଶାସକ ଏବଂ ସ୍ୱେଚ୍ଛାସେବୀମାନେ କର୍ମଶାଳାର ପ୍ରତ୍ୟେକ୍ଷ ସମ୍ପର୍କ ଅନଲାଇନ୍ ସେସନ୍ ଯୋଗଦେଇ ଫଠନ ଶିକ୍ଷକ ସାର୍ଟିଫିକେଟ୍ ପାଆନ୍ତି । ଅଧିକ ଜାଣିବାକୁ, ଆମସହ 300m@katha.org ଯୋଗାଯୋଗ କରନ୍ତୁ

ଏହି ସମସ୍ତ ଆଇଏଲଆର୍ ବହିଗୁଡ଼ିକ ଗ୍ରୀନ୍ ସିରିଜରେ




































FOR OUR BOOKS

www.books.katha.org

"""[କଥା]... ଭାରତୀୟ ପ୍ରକାଶନୀ ଇତିହାସରେ ଏକ ସ୍ୱତନ୍ତ୍ର ଏବଂ ଅଦ୍ୱିତୀୟ ମୁହୂର୍ତ୍ତ ।""
- ପ୍ରତିଷ୍ଠିତ ଇକୋନୋମିକ୍ ଟାଇମ୍ସ "

ପିଲାମାନଙ୍କ ପାଇଁ
ଗୋଟିଏ କଥା ବହି
ISBN 978-93-88284-81-3
9 789388 284813
` XXX
www.katha.org

ଆନନ୍ଦ ପାଇବା ପାଇଁ ଏବଂ ନୂଆ ନୂଆ କଥା ଆବିଷ୍କାର କରିବା ପାଇଁ ପଢ଼ନ୍ତୁ